ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**NewsID-IPR/DoWR(OD)-1489-22/03/2021**

# ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ

ଭୁବନେଶ୍ୱର ତା-୨୨.୦୩.୨୦୨୧

ଆଜି ଅପରାହ୍ଣରେ ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ସେଚ ସଦନ ଠାରେ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି । ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଯନ୍ତ୍ରୀ-ପ୍ରକଳ୍ପ, ଯୋଜନା, ସର୍ବେକ୍ଷଣ ଓ ଅନୁସନ୍ଧାନ ଡଃ. ଅକ୍ଷୟ କୁମାର ଦାସ ଅଧକ୍ଷତା କରିଥିଲେ। । ରାଜ୍ୟର ସମସ୍ତ ଜିଲ୍ଲାର ପ୍ରତ୍ୟକ ପ୍ରାନ୍ତରୁ ବିଭାଗୀୟ ଯନ୍ତ୍ରୀମାନେ ଭର୍ଚୁଆଲ ପ୍ଲାଟଫର୍ମରେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଚଳିତ ବର୍ଷ ବିଶ୍ୱ ଜଳ ଦିବସର ବାର୍ତା ବା ପ୍ରସଙ୍ଗ ରହିଥିଲା Valuing Water ବା ଜଳର ମହତ୍ୱ ବୁଝି ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଯେପରି ଜଳର ଅଭାବ ନ ଘଟେ , ସେଥିପ୍ରତି ଦୃଷ୍ଟି ଦେଇ ଜଳର ମୂଲ୍ୟ ବୁଝି ଜନସଚେତନତା ସୃଷ୍ଟି କରିବା ଏବଂ ଜଳର ସୁପରିଚାଳନା କରାଯିବା ସମ୍ପର୍କରେ ବକ୍ତାମାନେ ବିଷଦ୍ ଭାବେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟଯନ୍ତ୍ରୀ, ବନ୍ଧ ନିରାପତା ଇଂ. ଲିଙ୍ଗରାଜ ଗୌଡଙ୍କ ଆବାହନରେ ଅନୁଷ୍ଠିତ ଏହି ବୈଠକରେ ବକ୍ତାଭାବେ ଇଂ.ଗୌଡ, ବିଭାଗୀୟ ନିର୍ଦ୍ଦେଶକ-ପ୍ରକଳ୍ପ, ଯୋଜନା, ସର୍ବେକ୍ଷଣ ଓ ଅନୁସନ୍ଧାନ ଇଂ. ସାଗର ମହାନ୍ତି, ସହକାରୀ ନିର୍ଦ୍ଦେଶକ, ନକ୍ସାଙ୍କନ ଇଂ.ଶୁଭ୍ରାଂଶୁ ଦ୍ୱିବେଦୀ, ଏମ୍.ଡି. ଓ.ସି.ସି ଇଂ. ଅସୀମ କୁମାର ମହାନ୍ତି, ଇଂ. ଅକ୍ଷୟ କୁମାର ଦାସ ଏବଂ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ. ବି.ଏସ୍.ଏସ୍. ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପରାମର୍ଶଦାତା ଇଂ. ହରମୋହନ ପ୍ରଧାନ ମହାନଦୀ ଜଳ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଯନ୍ତ୍ରୀ ବନ୍ଧ ନିରାପତା ଇଂ.ଗୌଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ପଠାଣି ରାଉତ**

**ସୂଚନା ଅଧିକାରୀ**